# ODM PUBLIC SCHOOL

**SESSION :5**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ଅଭ୍ୟାସ – ୬ ପ୍ରଶ୍ନ ଉତ୍ତର ଲେଖ ।**

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ODM EDUCATIONAL GROUP

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ବିଭିନ୍ନ ଋତୁର କାର୍ଯ୍ୟ କଳାପ ବିଷୟରେ ସୂଚନା ଦେବା ।



# ଖରା ,ବର୍ଷା,ଶୀତ









ODM EDUCATIONAL GROUP

ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

 : ଜେଜେ, ଏତେ ଗରମ କାହିଁକି ହେଉଛି ?

 : ଖରାଦିନେ ଖରା ହେବନି ତ କ'ଣ ହେବ ?

 : ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

 : ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

 : ଗଛପତ୍ର କାହିଁକି ଝାଉଁଳି ଯାଉଛି ?

 : ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

ODM EDUCATIONAL GROUP


: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?


: ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା' ପାଖରେ ବସୁ ।


: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?


: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

# ଅଭ୍ୟାସ-୬ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP
Changing your Tommorrow

କ-କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

ଖ-କେଉଁ ଋତୁରେ ନଈରେ ବଢ଼ି ଆସେ ?

ଗ-କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଘ-ନଈବଢ଼ି ଆସିଲେ କଣ ଅସୁବିଧା ହୁଏ ?

ଙ-ଆମେ  ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କଣ ?

ଚ-କେଉଁ ଋତୁରେ ବେଶୀ ପରିବା ମିଳେ ?

ଛ-କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

# ଅଭ୍ୟାସ-୬ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP
Changing your Tommorrow

କ-କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

ଉ- ଗ୍ରୀଷ୍ମ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ।

ଖ-କେଉଁ ଋତୁରେ ନଈରେ ବଢ଼ି ଆସେ ?

ଉ - ବର୍ଷା ଋତୁରେ ନଈରେ ବଢ଼ି ଆସେ ।

ଗ-କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଉ - ବର୍ଷା ଋତୁରେ ରାସ୍ତାଘାଟ କାଦୁଅ ହୁଏ ।

ଚ-କେଉଁ ଋତୁରେ ବେଶୀ ପରିବା ମିଳେ ?

ଉ - ଶୀତ ଋତୁରେ ବେଶୀ ପରିବା ମିଳେ ।

# ଅଭ୍ୟାସ-୭ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP

ଘ-ନଈବଢି ଆସିଲେ କଣ ଅସୁବିଧା ହୁଏ ?

ଉ - ନଈବଢି ଆସିଲେ ଚାରିଆଡେ ଜଳମଗ୍ନ ହୋଇଯାଏ |ଘରେ ସବୁ ପାଣି ପଶିଯାଏ |ବହୁ ଧନ ଜୀବନ ନଷ୍ଟ ହୋଇଯାଏ |ନଈବଢି ରୁ ରକ୍ଷା ପାଇବା ପାଇଁ ଲୋକମାନେ ଘରଛାଡି ସୁରକ୍ଷିତ ସ୍ଥାନକୁ ପଳାଇ ଯାଆନ୍ତି ବହୁ ଅସୁବିଧାରେ ଲୋକମାନେ ଜୀବନ ଯାପନ କରନ୍ତି |

ଙ-ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କଣ ?

ଉ -ଆମେ ମୁଖ୍ୟତଃ ତିନୋଟି ଋତୁ ଅନୁଭବ କରୁ |ସେଗୁଡିକ ଖରା,ବର୍ଷା,ଶୀତ |

ଛ-କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

ଉ – ଗ୍ରୀଷ୍ମ ଋତୁରେ ଆମ୍ବ ଓ ପଣସ ପାଚେ |

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ଅଭ୍ୟାସ କର |



# ପଠନର ମୂଲ୍ୟାଙ୍କନ

ODM EDUCATIONAL GROUP
Changing your Tomorrow



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା -୨

ODM EDUCATIONAL GROUP
Changing your Tomorrow

## ଗପ ସ୍ତର

ମଧୁପୁର ନାମକ ଗାଁ ଟିଏ । ସେଠାରେ ରାଧୁଆ ନାମକ ପିଲାଟିଏ ଥିଲା । ରାଧୁଆ ର ଗୋଟିଏ ଝିଅ ଥିଲା । ତାର ନାମ ମୀନା । ମୀନା ନାଚ କରିବାକୁ ଭଲ ପାଏ । ଥରେ ନାଚୁ ନାଚୁ ପଡ଼ିଗଲା । ଗୋଡ଼ ତାର ଭାଙ୍ଗି ଗଲା । ସେ ବହୁତ କାନ୍ଦିଲା । ରାଧୁଆ ତାକୁ ବଇଦ ପାଖକୁ ନେଇ ଭଲ କରିଦେଲା ।

## ଅନୁଚ୍ଛେଦ ସ୍ତର

ମାଛ ରହିଥାଏ ପାଣିରେ ।
ସାପ ରହୁଥାଏ ଗାତରେ ।
ପକ୍ଷୀ ରହେ ଗଛ ଡାଳରେ
ପିଲା ପଢ଼େ ପାଠ ଶାଳାରେ ।

## ଶବ୍ଦ ସ୍ତର

ଭାତ ହାତ କୂଳ
ଦେଶ
ପାହାଡ଼
ଧନୁ ବିଦେଶ

## ଅକ୍ଷର ସ୍ତର

ଫ ର ଷ
ଢ଼ ଟ ଜ
ଠ ଶ ଳ

ମଧୁପୁର ନାମକ ଗାଁ ଟିଏ ।ସେଠାରେ
ରାଧୁଆ ନାମକ ପିଲାଟିଏ ଥିଲା । ରାଧୁଆର
ଗୋଟିଏ ଝିଅ ଥିଲା ।ତାର ନାମ ମୀନା ।
ମୀନାନାଚ କରିବାକୁ ଭଲ ପାଏ ।ଥରେ ନାଚୁ
ନାଚୁ ପଡ଼ିଗଲା ଗୋଡ଼ ତାର ଭାଙ୍ଗି ଗଲା ।ସେ
ବହୁତ କାନ୍ଦିଲା । ରାଧୁଆତାକୁ ବଇଦ ପାଖକୁ
ନେଇ ଭଲକରିଦେଲା ।

ODM EDUCATIONAL GROUP
Changing your Tomorrow

ଏହି ସ୍ତର ଦେଇ ପିଲା ମାନଙ୍କର ପଢିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP